# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 December – 2025

*******************************

## ମୁଖ୍ୟ ସମ୍ବାଦ

- 'ମାନବ ଅଧିକାର ଆମର ଦୈନନ୍ଦିନ ଆବଶ୍ୟକତା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ମାନବ ଅଧିକାର ଦିବସ'

— ମାନବ ଅଧିକାରକୁ ସୁରକ୍ଷା ଦେବା ଏବଂ ସମ୍ମାନ ପ୍ରଦର୍ଶନ କରିବା ପାଇଁ ରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ; କହିଲେ ରାଷ୍ଟ୍ରପତି

- ଭାରତର ପ୍ରମୁଖ ସାଂସ୍କୃତିକ ପର୍ବ ଦୀପାବଳିକୁ ୟୁନେସ୍କୋର ମାନ୍ୟତା

— ଦୀପାବଳିକୁ ଏହି ମାନ୍ୟତା ବିଶ୍ୱସ୍ତରରେ ଆହୁରି ଲୋକପ୍ରିୟ କରିବ; କହିଲେ ପ୍ରଧାନମନ୍ତ୍ରୀ

- ମାଲକାନଗିରି ଜିଲ୍ଲା ଏମ୍.ଭି-୨୬ ଗ୍ରାମର ପରିସ୍ଥିତିରେ ଉନ୍ନତୀ; ଆସନ୍ତାକାଲି ମଧ୍ୟାହ୍ନ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ଉପରେ କଟକଣା

ଏବଂ

- ମହାନଦୀ ଜଳବିବାଦର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ସରକାର ଗଠନ କଲେ ଏକ ଉଚ୍ଚସ୍ତରୀୟ କମିଟି

## ବିଶ୍ୱ ମାନବ ଅଧିକାର ଦିବସ

ପ୍ରତ୍ୟେକ ବ୍ୟକ୍ତିର ମୌଳିକ ସ୍ୱାଧୀନତା ଓ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱବ୍ୟାପୀ ମାନବ ଅଧିକାର ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- "ମାନବ ଅଧିକାର: ଆମର ଦୈନନ୍ଦିନ ଆବଶ୍ୟକତା।" ୧୯୫୦ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି।

## ରାଷ୍ଟ୍ରପତି-ହ୍ୟୁମାନ୍‌ରାଇଟ୍‌ସ ଡେ'

ମାନବ ଅଧିକାରକୁ ସୁରକ୍ଷା ଦେବା ସହିତ ସମ୍ମାନ ପ୍ରଦର୍ଶନ କରିବା ପାଇଁ ରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ ବୋଲି  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀରେ ଆଜି ମାନବାଧିକାର ଦିବସ-୨୦୨୫ ଏବଂ ଦୈନିକ ଆବଶ୍ୟକତାକୁ ସୁନିଶ୍ଚିତ କରିବା ନେଇ ଆୟୋଜିତ ରାଷ୍ଟ୍ରୀୟ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ମର୍ଯ୍ୟାଦା ରକ୍ଷା କ୍ଷେତ୍ରରେ କୌଣସି ସାଲିସ୍ କରାଯିବ ନାହିଁ। ସମସ୍ତଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସରକାର ଦୃଷ୍ଟି ଦେଉଛନ୍ତି। ମାନବାଧିକାର ଦିବସ ଏକ ନ୍ୟାୟପୂର୍ଣ୍ଣ, ସମାନତାବାଦୀ ଏବଂ କରୁଣାମୟ ସମାଜ ଗଠନ ଲାଗି ପୃଷ୍ଠଭୂମି ନିର୍ମାଣ କରିଥାଏ।  ନ୍ୟାୟ ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କର ଜନ୍ମସିଦ୍ଧ ଅଧିକାର ହେବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ମାନବାଧିକାରକୁ ବିଶ୍ୱସ୍ତରୀୟ ଢାଞ୍ଚାଭାବରେ ଆକାର ଦେବା ଲାଗି ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

## ମାନବ ଅଧିକାର ଦିବସ

ମାନବ ଅଧିକାର ଖାଦ୍ୟ, ଜଳ, ସ୍ବାସ୍ଥ୍ୟ ଓ ସୁରକ୍ଷାକୁ ନେଇ ପ୍ରତ୍ୟେକ ନାଗରିକଙ୍କୁ ଅଧିକାର ଦେଇଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । **ସମ୍ବଲପୁର** ତପସ୍ୱିନୀ ପ୍ରେକ୍ଷାଳୟରେ ବିଶ୍ୱ ମାନବ ଅଧିକାର ଦିବସ ୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ମାନବ ଅଧିକାରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଓଏଚ୍ଆରସିର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ,  ମାନବ ଅଧିକାର କର୍ମୀ ବେଜୱାଡା ୱିଲସନ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୀପାବଳୀ-ୟୁନେସ୍କୋ

ଭାରତର ପ୍ରମୁଖ ସାଂସ୍କୃତିକ ଓ ପୌରାଣିକ ପର୍ବ  ଦୀପାବଳିକୁ ସଂଯୁକ୍ତ ରାଷ୍ଟ୍ର ସଂସ୍ଥା-ୟୁନେସ୍କୋ ମାନବତାର ବିରଳ, ସାଂସ୍କୃତିକ ଐତିହ୍ୟର ପ୍ରତିନିଧି ତାଲିକାରେ ଅନ୍ତର୍ଭୁକ୍ତ କରିଛି । ଏହି ବିଷୟ ଘୋଷଣା କରି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ ।  ଏକ ଜୀବନ୍ତ ଐତିହ୍ୟ ଭାବେ ଦୀପାବଳି ଆମ ସଂସ୍କୃତିର ଏକ ମହାନ ଐତିହ୍ୟ ବୋଲି ଶ୍ରୀ ଶେଖାୱତ୍ କହିଛନ୍ତି । ଦୀପାବଳି ପର୍ବକୁ ୟୁନେସ୍କୋ ମାନ୍ୟତା ପରିପ୍ରେକ୍ଷୀରେ  **ଉପରାଷ୍ଟ୍ରପତି** ସି.ପି.ରାଧାକୃଷ୍ଣନ୍ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହି ବିଶ୍ୱସ୍ତରୀୟ ମାନ୍ୟତା ଗୌରବର ବିଷୟ । ଦେଶରେ ବିବିଧତା ସତ୍ତ୍ୱେ ଦୀପାବଳି ପର୍ବ ସମସ୍ତଙ୍କ ମଧ୍ୟରେ ଏକତାଭାବ ଜାଗ୍ରତ କରିଛି । **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର

ମୋଦୀ ଏହାକୁ ସ୍ୱାଗତ କରି କହିଛନ୍ତି, ଦୀପାବଳି ଭାରତର ସାଂସ୍କୃତିକ ଐତିହ୍ୟ ସହ ଦୃଢ଼ଭାବେ ଜଡ଼ିତ। ୟୁନେସ୍କୋର ଏହି ମାନ୍ୟତା ଫଳରେ ବିଶ୍ୱସ୍ତରରେ ଆଲୋକର ପର୍ବ ଦୀପାବଳିର ଆହୁରି ଲୋକପ୍ରିୟତା ବୃଦ୍ଧି ପାଇବ।

## ଏମ୍‌ଭି-୨୬

**ମାଲକାନଗିରି** ଜିଲ୍ଲାର ଏମ୍‌ଭି-୨୬ ଗ୍ରାମର ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେଉଛି। ପୁଲିସ୍ ମହାନିର୍ଦ୍ଦେଶକ ଓ୍ୱାଇ.ବି.ଖୁରାନିୟା ଆଜି ଏମ୍‌ଭି-୨୬ ଓ ରାଖାଲଗୁଡ଼ା ଗ୍ରାମ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଶାନ୍ତି କମିଟିର ବୈଠକ ପରେ ଏହି ଗ୍ରାମର ଲୋକମାନେ ସେମାନଙ୍କର ଘରକୁ ଫେରୁଛନ୍ତି। ମୃତ ମହିଳାଙ୍କର ଶରୀରର ଛିନ୍ନ ଅଂଶ ନାମକୋଣ୍ଡା ନଦୀରୁ ମିଳିବା ପରେ କୋରାପୁଟର ସାଇଣ୍ଟିଫିକ୍ ଦଳ  ପହଞ୍ଚି ଘଟଣାର ଅନୁସନ୍ଧାନ କରୁଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ମଧ୍ୟ ପହଞ୍ଚି ମହିଳାଙ୍କ ଛିନ୍ନ ଅଂଶକୁ ପରୀକ୍ଷା କରିଛନ୍ତି। ଗତ ୧୨ ଘଣ୍ଟା ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିଲେ ମଧ୍ୟ ଇଣ୍ଟରନେଟ୍ ସେବାକୁ ଆସନ୍ତାକାଲି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ରଖିବା ନେଇ ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି।

## ମହାନଦୀ

ମହାନଦୀ ଜଳବିବାଦର ଜଟିଳତା ଓ ଭାବପ୍ରବଣତାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ କମିଟି

ଗଠନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ମହାନଦୀ ଜଳ ସମ୍ବନ୍ଧୀୟ ବିଭିନ୍ନ ଦିଗ ସମ୍ବନ୍ଧରେ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ। ଏହା ସହ ରାଜ୍ୟରେ ବୈଷୟିକ ଏବଂ ପ୍ରଶାସନିକ ସ୍ତରରେ ଜାରି ରହିଥିବା ପ୍ରୟାସଗୁଡ଼ିକୁ ଉଚ୍ଚସ୍ତରୀୟ କମିଟି ଆବଶ୍ୟକ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ଜଣାପଡିଛି।

କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟ ନାରାୟଣ ମିଶ୍ର, ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସଦସ୍ୟ ଅଛନ୍ତି। ସଦସ୍ୟ ଜୟନାରାୟଣ ମିଶ୍ର ମହାନଦୀ ଜଳବିବାଦ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ କହିଛନ୍ତି।

## ଗଙ୍ଗୁଆନାଳ

ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ ଗଙ୍ଗୁଆନାଳ ଉନ୍ନତୀ ପ୍ରକଳ୍ପ ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିକୋ-ପାର୍କ ଏବଂ ଏହାର ପାରିପାର୍ଶ୍ୱିକ ଉନ୍ନତି ସହ ଭୁବନେଶ୍ୱରରେ ବର୍ଷା ଜଳ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆସନ୍ତାବର୍ଷ ପୂର୍ବରୁ ଗଙ୍ଗୁଆ ନାଳର

ଉନ୍ନତୀକରଣ ଓ ସ୍ୱଚ୍ଛ ଜଳରାଶି ପ୍ରବାହ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଯୁକ୍ତଦୁଇ ନାମଲେଖା ଓ ପରୀକ୍ଷା

ରାଜ୍ୟରେ ଆଜିଠାରୁ ୧୪ତାରିଖ ପର୍ଯ୍ୟନ୍ତ ଯୁକ୍ତଦୁଇ ଶ୍ରେଣୀରେ ଚତୁର୍ଥ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆସନ୍ତା ୧୭ ତାରିଖରେ ଏଥିପାଇଁ ମେଧାତାଲିକା ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ଆସନ୍ତା ୧୮ ଓ ୧୯ ତାରିଖରେ ନାମଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଯୁକ୍ତଦୁଇ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମାର୍ଚ୍ଚ ମାସ ୧୧ ତାରିଖରେ ହେବାକୁ ଥିବା କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ମାର୍ଚ୍ଚ ମାସ ୨୩ ତାରିଖରେ ଅନୁଷ୍ଠିତ ହେବ। ମାର୍ଚ୍ଚ ମାସ ୨୧ ତାରିଖରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ମାର୍ଚ୍ଚ ମାସ ୨୫ ତାରିଖରେ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଚଳିତ ଶିକ୍ଷାବର୍ଷର ଯୁକ୍ତଦୁଇ ପରୀକ୍ଷା ମାର୍ଚ୍ଚ ମାସ ୨ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖରେ ସରିବ ବୋଲି ପରିଷଦର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ କୁମାର ପରିଡା କହିଛନ୍ତି।

## କଳିଙ୍ଗ ହର୍ବାଲ ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆଜି ସନ୍ଧ୍ୟାରେ ଆରମ୍ଭ ହେବ। କାର୍ଯ୍ୟକ୍ରମକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉଦ୍‌ଘାଟନ କରିବେ। ୭ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଔଷଧୀୟ ଉଦ୍ଭିଦ କ୍ଷେତ୍ରର ହିତାଧିକାରୀଙ୍କ ମଧ୍ୟରେ ସମ୍ପର୍କ, ବ୍ୟବସାୟ, ଶିକ୍ଷା ଓ ସଚେତନତା ବୃଦ୍ଧି କରିବା। ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଦ୍ୱାରା ଆୟୋଜିତ ଏହି ମେଳାରେ ୧୩୦ଟି ଷ୍ଟଲ୍ ଖୋଲାଯିବ ଏବଂ ୨୬୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ରାଇରଙ୍ଗପୁର, କେନ୍ଦୁଝର ଓ ମାଲକାନଗିରିରେ ଚଳିତ ବର୍ଷ କ୍ଷେତ୍ରୀୟ କଳିଙ୍ଗ ହର୍ବାଲ ମେଳା ମଧ୍ୟ ଆୟୋଜିତ ହେବ।

## ମାଣ୍ଡିଆ କ୍ରୟ

**କୋରାପୁଟ**ଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଜିଲ୍ଲାର ୧୨ଟି ବ୍ଲକ୍‌ର ୪୫ଟି ମଣ୍ଡିରେ ମାଣ୍ଡିଆ କ୍ରୟ କରାଯିବ। ଏଥିପାଇଁ ୧୨ ହଜାର ୮୨୩ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ୨ ଲକ୍ଷ ୪୧ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଛି। କୁଇଣ୍ଟାଲ ପିଛା ୪ ହଜାର ୮୪୬ ଟଙ୍କା ଚାଷୀଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି

ନିଆଯାଇଥିବାବେଳେ ଚାଷୀଙ୍କ ପାଇଁ ମଣ୍ଡିରେ ମୌଳିକ ସୁବିଧା ସହ ବିଶ୍ରାମଗୃହ ଆଦିର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ରଥକାଠ ଅନୁକୂଳ

**ନୟାଗଡ଼** ଜିଲ୍ଲା ଗଣିଆ ବ୍ଲକ୍ ବଡମୂଳସ୍ଥିତ ମା' ବଡ଼ ରାଉଳଙ୍କ ପୀଠରେ ରଥକାଠ ଅନୁକୂଳ ପୂଜା ଆସନ୍ତା ୩୦ ତାରିଖରେ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୯ ତାରିଖ ଦିନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ପ୍ରତିନିଧି ଦଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ସହ ଜିଲ୍ଲାରେ ପହଞ୍ଚିବେ। ମା' ବଡ଼ରାଉଳଙ୍କ ପୀଠରେ ଆଜ୍ଞାମାଳ ଲାଗି ହେବା ପରେ ଅନୁକୂଳ ପୂଜା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ସଚେତନତା ସଭା

**ଭଦ୍ରକ** ଚରମ୍ପା ରେଳଷ୍ଟେସନଠାରେ ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ଏବଂ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ଲାଇନ୍ ପକ୍ଷରୁ ଶିଶୁ ସହାୟତା ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ଅଧିକାରୀ, ସାମାଜିକ ଆଇନ୍ ଅଧିକାରୀ ଓ ରେଳଷ୍ଟେସନ ପରିଚାଳକ ପ୍ରମୁଖ ଯୋଗଦେଇ ଚରମ୍ପା ରେଳଷ୍ଟେସନରେ ଶିଶୁ ସହାୟତା କେନ୍ଦ୍ର ସ୍ଥାପନ କରିବା, ଶିଶୁ ସୁରକ୍ଷା ସମ୍ପର୍କିତ ହେଲ୍ପଲାଇନ୍-୧୦୯୮ ନିଶୁଳ୍କ ନମ୍ବରରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

## ମାଣ୍ଡିଆ ସଂଗ୍ରହ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଓ ହରଡ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ଖରିଫ୍ ଋତୁପାଇଁ ମାଣ୍ଡିଆ ଓ ହରଡ କ୍ରୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତବର୍ଷ ପାଇଁ ଜିଲ୍ଲାରେ ୨୫ ହଜାର କୁଇଣ୍ଟାଲ ମାଣ୍ଡିଆ ଖରିଦ୍ ପାଇଁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାରେ ହରଡର ୫ଟି ମଣ୍ଡି ସ୍ଥାପନ ପାଇଁ ସ୍ଥିର କରାଯାଇଛି।

## ମାସ ସାମଗ୍ରୀ ଜବତ

**କନ୍ଧମାଳ** ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସିଲକିସୁଗା ଜଙ୍ଗଲରେ ବିଏସ୍ଏଫ ୧୩୬ ବାଟାଲିୟନ୍‌ର ଯବାନମାନେ ମାଓ ଗତିବିଧି ଖବର ପାଇ ଖାନତଲାସ କରି ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛନ୍ତି। ଯବାନ୍‌ମାନଙ୍କର ଗତିବିଧିକୁ ଲକ୍ଷ୍ୟ କରି ମାଓବାଦୀମାନେ ସ୍ଥାନ ଛାଡି ପଳାଇଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।